## ଡିକି ଭାଙ୍ଗି ୧ ଲକ୍ଷ ନେଇଗଲେ

ପାଟଣା,୨୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ବଜାରରୁ ଦୁର୍ବୃତ୍ତ ଏକ ବାଇକ ଡିକି ଭାଙ୍ଗି ଲୁଟି ନେଇଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନଯାୟୀ, ବାରିଆ ଥାନା ଷଡ଼ଙ୍ଗୀ ଗ୍ରାମର ସୁବଳ ସାହୁ ତୁରମୁଙ୍ଗା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଶୁକ୍ରବାର ଅପରାହ୍ନରେ ଘର କାମ ପାଇଁ ୧ ଲକ୍ଷ ୧୫ ହଜାର ଟଙ୍କା ଉଠାଇଥିଲେ। ତୁରୁମୁଙ୍ଗା ବଜାରରେ ଗାଡ଼ି ରଖି ଟ୍ରଙ୍କ୍ ମରାମତି କରୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ଡିକି ଭାଙ୍ଗି ଟଙ୍କା ନେଇଯାଇଥିଲେ। ଅଭିଯୋଗ ପରେ ତୁରୁମୁଙ୍ଗା ପୋଲିସ ଛାନ୍‌ବିନ୍ ଆରମ୍ଭ କରିଛି।

## ସଂକ୍ଷେପରେ

### ସ୍ୱାଭାବିକ ହେବ ରେଳ ଚଳାଚଳ

ବାଲେଶ୍ୱର ଅଫିସ,୨୬।୫

ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମ ଯୋଗୁ ବାଲେଶ୍ୱର ଜିଲା ସମେତ ସଂସଦୀୟ କ୍ଷେତ୍ରରେ କୋଭିଡ୍ ପରେ ରେଳ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ସୂଚନା ମିଳିଛି। କୋଭିଡ୍ ପରେ ରେଳ ଚଳାଚଳ ହୋଇଥିଲେ ମଧ ଅନେକ ଟ୍ରେନ୍ ଯିବା ଆସିବା ଓ ରହଣି କ୍ଷେତ୍ରରେ ଅସାମଞ୍ଜସ୍ୟ ଦେଖାଦେଇଥିଲା। ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବା ସହିତ ଅସନ୍ତୋଷ ଦେଖା ଦେଇଥିଲା। ଏ ବାବଦରେ ଏମ୍‌ପି ଷଡ଼ଙ୍ଗୀ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ଆଲୋଚନା କରିଥିଲେ। ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ସମୟରେ ରେଳମନ୍ତ୍ରୀ ବାଲେଶ୍ୱର ଆସିଥିବା ବେଳେ ମଧ ଏବାବଦରେ ଏମ୍‌ପିଙ୍କ ସହିତ ବିଷଦ ଚର୍ଚ୍ଚା ହେଇଥିଲା। ସେହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ସୋର ରେଳ ଷ୍ଟେଶନରେ ଉତ୍କଳ ଓ ଜଗନ୍ନାଥ ଏକ୍ସପ୍ରେସ ରହିବ ବୋଲି ଶୁକ୍ରବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଜୁନ୍ ୧ ତାରିଖରୁ ସ୍ୱାଭାବିକ ହେବ ଏବଂ ଅଳ୍ପ ଦିନ ମଧରେ ବେତନଟୀଠାରୁ ଆରମ୍ଭ କରି ଜଳେଶ୍ୱର ପର୍ଯ୍ୟନ୍ତ ଟ୍ରେନ୍ ରହଣି କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରାଯିବ ବୋଲି ରେଳମନ୍ତ୍ରୀ ଏମ୍‌ପି ଷଡ଼ଙ୍ଗୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ପଦ୍ମପୁର,୨୬।୫(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୁକ୍ରବାର ପୂର୍ବାହ୍ନରେ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର, ବ୍ରଜାନନ୍ଦପୁର ଓ ମାଧୋଇ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ବିଷୟରେ ପଚାରି ବୁଝିଛନ୍ତି। ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ରାସ୍ତା, ନିଷ୍କାସନ ନାଳ, ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ବିଧାୟକ ଲୋକଙ୍କୁ ପଚାରି ବୁଝିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ମାନସ ରଞ୍ଜନ ସାହୁ, ସରପଞ୍ଚ ଜୟନ୍ତୀ ବେଜ, ସମିତିସଭ୍ୟା ଅର୍ଚ୍ଚନା ଜେନା, ସାମାଜିକ କର୍ମୀ ଅରୁ ମିଶ୍ର, ବାଦଲ ଜେନା, ଅମିୟ ଜେନା, ଭାଗବତ ମିଶ୍ର, ଦୈତାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଚା'ରେ ନିଶାଦେଇ ଲୁଟିନେଲେ

ଆନନ୍ଦପୁର,୨୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ହାଟଡ଼ିହୀ ବ୍ଲକ୍ ଅଞ୍ଚଳରେ ଗୁରୁବାର ଦୁର୍ବୃତ୍ତ ଜଣଙ୍କୁ ଚା'ରେ ନିଶା ଦେଇ ଲୁଟି ନେଇଛନ୍ତି। ଏ ନେଇ ନନ୍ଦୀପଦା ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଆନନ୍ଦପୁର ଡାକ୍ତରଖାନାକୁ ଆସୁଥିବା ବଡ଼ରମ୍ପାସ ଗ୍ରାମର ରବିନ୍ଦ୍ର ଜେନାଙ୍କୁ କିଛି ଯୁବକ ଲିଫ୍ଟ ଦେଇଥିଲେ। ବାଟରେ ଚାରେ ନିଶାଦେଇ ଟଙ୍କା ଲୁଟ କରିବା ପରେ ରାସ୍ତା କଡ଼ରେ ଛାଡ଼ି ପଳାଇଥିଲେ। ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ବେଳେ ପରିବାର ଲୋକେ ଉଦ୍ଧାର କରି ଘରକୁ ନେଇଥିଲେ। ପ୍ରକାଶ ଯେ, ଦୀର୍ଘ ଦିନ ଧରି ଆନନ୍ଦପୁର, ଘସିପୁରା, ସୋସୋ, ନନ୍ଦିପଦା ଥାନା ଅଞ୍ଚଳରେ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ପୋଲିସ ଲୁଟେରାଙ୍କୁ ଧରିବାରେ ବିଫଳ ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ସାମାଜିକକର୍ମୀ ପରେଶ କୁଅଁର ପ୍ରକାଶ କରିଛନ୍ତି।

### ବ୍ଲକ ସମିତିସଭ୍ୟ ସଂଘ ଗଠିତ

ମୋରଡ଼ା, ୨୬।୫(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ସମିତିସଭ୍ୟ ସଂଘ ଗଠନ କରାଯାଇଛି। ବ୍ଲକର ୨୦ଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି ସମସ୍ତଙ୍କ ମତ ଅନୁଯାୟୀ ସଦସ୍ୟ ଚୟନ କରାଯାଇଥିଲା। ହଳଦୀପାଳ ପଞ୍ଚାୟତର ସମିତିସଭ୍ୟ ତନୟ ଦାସଙ୍କୁ ସଭାପତି, ନୂଆଗାଁର ସମିତିସଭ୍ୟା ସାଲତୀ ମୁର୍ମୁଙ୍କୁ ସମ୍ପାଦିକା, ଦାନ୍ତିଆମୁହାଁର ସମିତିସଭ୍ୟ ସୁକୁଲ ମୁର୍ମୁଙ୍କୁ ଉପସଭାପତି, ମୋରଡ଼ା ସମିତିସଭ୍ୟା ଶାନ୍ତିଲତା ପରିଡ଼ାଙ୍କୁ କୋଷାଧକ୍ଷା ଏବଂ ପଳାସମୁଣ୍ଡୁଳି ସମିତିସଭ୍ୟା ଲକ୍ଷ୍ମୀରାଣୀ ସିଂଙ୍କୁ ଉପ ସମ୍ପାଦିକା ଭାବେ ମନୋନୀତ କରାଯାଇଥିଲା। ତେବେ ବ୍ଲକରେ ପୂର୍ବରୁ କେବେ ଏହି ସଂଘ ଗଠନ ହୋଇ ନ ଥିଲା। ପ୍ରଥମଥର ପାଇଁ ଗଠନ ହୋଇଛି। ଏଥିସହ ସଂଘ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ଅଫିସ୍‌ରେ ସମିତିସଭ୍ୟଙ୍କ ପାଇଁ ଅଫିସ ନିର୍ମାଣ, ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟରେ ଏମାନଙ୍କ ଉପସ୍ଥିତି, ବ୍ଲକ କାର୍ଯ୍ୟାଳୟରେ ଏମାନଙ୍କ ବସିବା ପାଇଁ ଗୃହ ନିର୍ମାଣ, ବାର୍ଷିକ ପାଣ୍ଠିକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରାଯାଇଛି।

# ଶାଳମଞ୍ଜି ଦେଇଛି ଜୀବିକା

■ବଜାର ବ୍ୟବସ୍ଥା ନାହିଁ, ବ୍ୟବସାୟୀ ମାଲାମାଲ
■ସଂଗ୍ରହକାରୀଙ୍କୁ ମିଳୁନି ପରିଶ୍ରମର ମୂଲ୍ୟ

ମହେଶ୍ୱର ଦାଶ
ଚମ୍ପୁଆ,୨୬।୫

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡରେ ଶାଳମଞ୍ଜି ଆଦିବାସୀମାନଙ୍କ ଏକ ପ୍ରମୁଖ ଉପାର୍ଜନର ମାଧମ ସାଜିଛି। ଆଦିବାସୀମାନେ ସପରିବାରେ ଏକ ମାସ ଧରି ଶାଳଫୁଲରୁ ମଞ୍ଜି ସଂଗ୍ରହ କରୁଛନ୍ତି। ମାତ୍ର ମଞ୍ଜି ସଂଗ୍ରହ ପରେ ବଜାର ଅଭାବରୁ ସ୍ଥାନୀୟ ବ୍ୟବସାୟୀଙ୍କ ହାତରେ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ମଞ୍ଜି ସଂଗ୍ରହକାରୀ ପରିଶ୍ରମ ତୁଳନାରେ ମୂଲ୍ୟ ପାଉ ନ ଥିବା ବେଳେ ବ୍ୟବସାୟୀ ମାଲାମାଲ ହେଉଛନ୍ତି।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ହୁଞ୍ଜପଶି, କଇଁକା, ମହେଶ୍ୱରପୁର, କଙ୍କଡ଼ାପାଟ, ମିରିଙ୍ଗି, କୁନାପଶି ଆଦି ଗ୍ରାମର ଆଦିବାସୀମାନେ ଶାଳଗଛ ତଥା ସ୍ଥାନୀୟ ଭାଷାରେ ସରଗି ଗଛରୁ ପଡୁଥିବା ଫୁଲକୁ ଝାଡୁ ମାରି ସଂଗ୍ରହ କରିଥାନ୍ତି। ତାହାକୁ ଏକ ସ୍ଥାନରେ ଠୁଳକରି ନିଆଁ ଲଗାଇ ପୋଡ଼ାଯିବା



ଜଣେ ବୃଦ୍ଧ ଶାଳମଞ୍ଜି ଶୁଖାଉଛନ୍ତି।

ପରେ ଶକ୍ତଆବରଣ ଖୋଳପାଥିବା ମଞ୍ଜି ସଂଗ୍ରହ କରିଥାଆନ୍ତି। ଏହାକୁ ପୁଣି ଟାଣଖରାରେ ଶୁଖାଇବା ପରେ ଉପର ଆସ୍ତରଣକୁ ଛଡ଼ାଇଥାଆନ୍ତି। ତାହା ମଧରୁ ବାହାରୁଥିବା ମଞ୍ଜିକୁ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଏହି କାର୍ଯ୍ୟ ପ୍ରାୟ ବସନ୍ତ ଋତୁରୁ ଆରମ୍ଭ ହୋଇ ଏକ ମାସ ଧରି ଚାଲିଥାଏ। ପରିବାରର ମହିଳା ପୁରୁଷ ବହୁ ପରିଶ୍ରମ କରି ମଞ୍ଜି ସଂଗ୍ରହରେ ଲାଗିଥାଆନ୍ତି। ପରେ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଏହାକୁ କିଲୋ ପ୍ରତି ୮ ରୁ ୧୦ ଟଙ୍କା ଦରରେ ବିକ୍ରି କରିଥାଆନ୍ତି। କେତେକ ସ୍ଥାନରେ ଟିଣ ପ୍ରତି ୧୫୦ ରୁ ୨୦୦ ଟଙ୍କାରେ ମଧ ବ୍ୟବସାୟୀ କିଣିଥାଆନ୍ତି। ସ୍ଥାନୀୟ ଅଞ୍ଚଳରେ ପ୍ରଚୁର ଶାଳ ଗଛ ଥିବାରୁ ଆଦିବାସୀମାନେ ଶାଳମଞ୍ଜିକୁ ମୁଖ୍ୟ ଉପାର୍ଜନର ମାଧମ କରିଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ଶାଳ ମଞ୍ଜି କିଣିବାର କୌଣସି ବ୍ୟବସ୍ଥା ନ ଥିବାରୁ ସଂଗ୍ରହକାରୀମାନେ ବାଧ ହୋଇ ବ୍ୟବସାୟୀଙ୍କ ହାତରେ ମଞ୍ଜିକୁ କମଦରରେ ଟେକିଦେଉଛନ୍ତି। ଶାଳମଞ୍ଜି ଆଦିବାସୀମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରୁଥିବାରୁ ଏଥିପ୍ରତି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କାଳିକାପ୍ରସାଦ ପଞ୍ଚାୟତର ହୁଞ୍ଜପଶି ଗ୍ରାମର ଦ୍ରୌପଦୀ ମହାନ୍ତ, କାଣ୍ଡେ ମୁଣ୍ଡା, ମାଣିକର ମହାନ୍ତ ଓ ବିଭୀଷଣ ମହାନ୍ତ ପ୍ରମୁଖ ମଞ୍ଜି ସଂଗ୍ରହକାରୀମାନେ ମତ ଦେଇଛନ୍ତି। ଏ ନେଇ ବନଖଣ୍ଡ ଅଧିକାରୀ ଏଚ୍‌ଡି ହନୁମନ୍ତ କହିଛନ୍ତି, ଶୋଷଣ କରୁଥିବା ବ୍ୟବସାୟୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜନଜାତି ଦର୍ଶାଇ ନିଯୁକ୍ତି ପାଇଛନ୍ତି ୪

## ଶିକ୍ଷା ବିଭାଗରେ ଅନିୟମିତତା ଅଭିଯୋଗ




ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ମହାରଣା।

ତିହିଡ଼ି,୨୬।୫(ଡି.ଏନ.ଏ)

ଭଦ୍ରକ ଜିଲା ଅଧୀନ ତିହିଡ଼ି ବ୍ଲକ ଶିକ୍ଷା ବିଭାଗରେ ଅନିୟମିତତା ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ମହାରଣା କହିଛନ୍ତି। ତିହିଡ଼ିସ୍ଥିତ ଦୀନଦୟାଲ ଭବନରେ ଆହୁତ ଏହି ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ, ଅନ୍ୟ ଜାତିର ୪ଜଣ ନିଜକୁ ଜନଜାତି ଦର୍ଶାଇ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସେମାନେ ଚଞ୍ଚକତା ପୂର୍ବକ ଜନଜାତିର ଜାତିଗତ ପ୍ରମାଣପତ୍ର ହାସଲ କରି ବିଭିନ୍ନ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ଅଛନ୍ତି। ସେମାନେ ଜନଜାତିର ସମସ୍ତ ପ୍ରକାର ସୁବିଧା ସୁଯୋଗ ହାସଲ କରିବା ସହ ପଦୋନ୍ନତି ବି ପାଇଛନ୍ତି।

୨୦୧୬ଠାରୁ ଏହି ଅନିୟମିତତା ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ମାତ୍ର ସୁଫଳ ନ ପାଇବାରୁ ୨୦୨୨ ଜୁଲାଇ ୪ରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଅଭିଯୋଗ କରିଥିଲେ। ଏପରିକି ସେ ଅନୁସୂଚିତ ଜାତି ଓ ଜନଜାତି କମିଶନରଙ୍କ ଦ୍ୱାରସ୍ଥ ମଧ ହୋଇଥିବା କହିଛନ୍ତି। ଯୋଗ୍ୟତା ନ ଥିଲେ ମଧ ଜଣେ ଶିକ୍ଷକ କ୍ଷମତାର ଅପବ୍ୟବହାର କରି ପଦୋନ୍ନତି ପାଇଛନ୍ତି। ଯୋଗ୍ୟତା ଅନୁଯାୟୀ ଉକ୍ତ ଶିକ୍ଷକ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ନ ପାଇ କେଉଁ ନିୟମରେ ମଧ ଇଂରାଜୀ ସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଲେ ସେନେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମହାରଣା ପ୍ରଶ୍ନ ଉଠାଇଥିଲେ। ଏହାବ୍ୟତୀତ ବ୍ଲକ ଶିକ୍ଷା ବିଭାଗରେ ୩ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଥିବାବେଳେ ଜଣେ ଶିକ୍ଷକଙ୍କୁ ଭାରପ୍ରାପ୍ତ ଏବିଇଓ ଦାୟିତ୍ୱ ଦିଆଯିବା ସମୀଚିନ ନୁହେଁ। ଯାହାଦ୍ୱାରା ଉକ୍ତ ଶିକ୍ଷକ ଆଦୌ ସ୍କୁଲ ଯାଉ ନାହାନ୍ତି। ଏହି ଅନିୟମିତତାର ତଦନ୍ତ କରାଯାଇ ପଦକ୍ଷେପ ନିଆ ନ ଗଲେ ୫-ଟି ସଚିବଙ୍କ ଦ୍ୱାରସ୍ଥ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ଉପରମୁଣ୍ଡରେ ଅପବ୍ୟବହାର, ତଳମୁଣ୍ଡରେ ହାହାକାର

## ରଟିଣା ପାଣି ପ୍ରକଳ୍ପ

ଖଇରା,୨୬।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ସମସ୍ତ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇପାରୁନାହିଁ। ପାହାଡ଼ ପାଦଦେଶରେ ଥିବା ଏହି ଅଞ୍ଚଳରେ ଜଳସ୍ତର ବହୁ ତଳେ ଥିବାରୁ ଠିକ୍ ଭାବେ ପମ୍ପିଂ ହୋଇପାରୁନି। ଉପରମୁଣ୍ଡର ଲୋକେ ପାଣିର ଅପଚୟ କରୁଥିବା ଯୋଗୁ ତଳମୁଣ୍ଡରେ ଥିବା ଶତାଧିକ ପରିବାର ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କଲୋନୀ ସାହି, ଆମ୍ବହତା ଓ ଗଡ଼ସାହିର ବାସିନ୍ଦା ଦାବି କରିଛନ୍ତି।

ଉକ୍ତ ପ୍ରକଳ୍ପ ଉପରେ ପାଖାପାଖି ୧ହଜାର ପରିବାର ପାନୀୟ ଜଳ ପାଇଁ ନିର୍ଭର କରିଥାନ୍ତି। ଗ୍ରୀଷ୍ମଋତୁରେ ଏହି ପାହାଡିଆ ଅଞ୍ଚଳରେ ଜଳ ୭୫ମିଟର ତଳକୁ ଖସିଯାଇଥାଏ। ଏହି କାରଣରୁ ଚଳିତବର୍ଷ ମଧ ଜଳର ପ୍ରେସର ଠିକ୍ ଠାକ୍ ରହୁ ନ ଥିବାରୁ ସଂରକ୍ଷଣ ପାଇଁ ନିର୍ମିତ ଟାଙ୍କି ପ୍ରାୟ ଖାଲିପଡୁଛି । ଏଣୁ ପାଣି ସିଧାସଳଖ ପମ୍ପରୁ ଉଠାଇ ବିଭିନ୍ନ ଗ୍ରାମକୁ ଯୋଗାଇ ଦିଆଯାଉଛି। ହେଲେ ଉପର ମୁଣ୍ଡରେ ଥିବା ଗ୍ରାମବାସୀ ଜଳକୁ ନିଜ ବାଡ଼ିବଗିଚା, ରବି ଫସଲ, ଶାଗମନ୍ଦାକୁ ମଡ଼ାଇ ଅଯଥା ଅପଚୟ କରୁଥିବା କାରଣରୁ ତଳମୁଣ୍ଡରେ ପାଣି ପହଞ୍ଚି ପାରୁ ନ ଥିବା ତଳମୁଣ୍ଡର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶେଷକରି କଲୋନୀସାହିରେ ପାଣି ପାଇଁ ଏବେ ହାହାକାର ପଡ଼ିଯାଇଛି। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ଆଉଟପୋଷ୍ଟ ଟ୍ୟାପ ଗୁଡ଼ିକରେ କଳଗୁଡ଼ୁକୁ ଯେତେଥର ନୂଆ ଲଗାଯାଉଛି କେତେଜଣ ବ୍ୟକ୍ତି ବାଡିକୁ ପାଣି ନେବାକୁ ଏଗୁଡିକୁ ଭାଙ୍ଗି ନଷ୍ଟ କରୁଥିବା କୁହାଯାଉଛି। ଏଥିପାଇଁ



ପାଣି ପାଇଁ ଭିଡ଼ ଜମାଇଥିବା ମହିଳାମାନେ।

ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଶାନ୍ତିଲତା ନାହାକ, ବାସନ୍ତୀଲତା ନାହାକ, ପାଗଳ ନାହାକ, ନନ୍ଦ ନାହାକ ଓ ଝରଣା ନାହାକ ପ୍ରମୁଖ ଦାବି କରିଛନ୍ତି । ଖରାଦିନେ ଘରୋଇ ନଳକୂପଗୁଡିକ ଅଚଳ ହୋଇ ପଡୁଥିବାରୁ ବାଧ ହୋଇ ସେମାନେ ସାହିଠାରୁ ଦୂରରେ ଥିବା ସୋଲାର ପମ୍ପରୁ ପାଣି ଆଣିବାକୁ ପ୍ରତିଯୋଗିତା କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ମହାନ୍ତିଙ୍କୁ ଯୋଗାଯୋଗ କରାଯିବାରେ ସେ ମଧ ସମାନ ଅଭିଯୋଗ ଆଣି ଯେତେଥର ନୂତନ ଭାବେ ଟ୍ୟାପଗୁଡିକ ଲଗାଯାଉଛି କିଛି ଦିନ ଭିତରେ ସେଗୁଡିକୁ ନଷ୍ଟ କରିଦିଆଯିବା ଏବଂ ପାନୀୟ ଜଳ ଅପବ୍ୟବହାର ପାଇଁ ଲୋକମାନଙ୍କୁ ଠିକ୍ ଭାବେ ଜଳବଣ୍ଟନ କରାଯାଇ ପାରୁ ନ ଥିବା କହିଛନ୍ତି । ଏଥିପାଇଁ ପଞ୍ଚାୟତ ଉପରେ ଅଧିକ ଚାପ ପଡୁଥିବା ସେ ଉଲ୍ଲେଖ କରୁଛନ୍ତି ।

# ବଜ୍ରପାତରେ ୩ ବଳଦ ମୃତ

ପାଟଣା,୨୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ନରେ ପବନ ସହ କୁଆପଥର ବର୍ଷା ହୋଇଛି। କୁଆପଥର ବୃଷ୍ଟିରେ ରାସ୍ତା ଧଳା ଆସ୍ତରଣରେ ଘୋଡ଼ାଇ ହୋଇଯାଇଥିଲା। ବ୍ଲକ୍ ଅଧୀନ ଏରେଣ୍ଡେଇ ପଞ୍ଚାୟତ ପୁରୁଣାପଣି ଗ୍ରାମରେ ବଜ୍ରପାତ ହୋଇ ୩ ବଳଦର ମୃତ୍ୟୁ ଘଟିଛି। ଏଥିରେ ପୁରୁଣା ପାଣି ଗ୍ରାମର ଫୁଲ ମାଝିଙ୍କ ଗୋଟିଏ ଓ ସାନ ପାଣ୍ଡୁ ମାଝୀଙ୍କ ଦୁଇଟି ବଳଦ ରହିଛନ୍ତି। ଗାଁ ଠାକୁରାଣୀ ଶାଳ ଗଛ ତଳେ ବଳଦ ଚରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ପୁରୁଣା ପାଣି ଗ୍ରାମର ରଘୁନାଥ ମାଝୀ, ଫାଗୁ ମାଝୀ, ଠେଲାମାଝୀଙ୍କ ଛପର ଉଡ଼ି ଯାଇଛି।

# ମିଲେଟ୍ ମିଶନ କାର୍ଯ୍ୟକାରିତା ନେଇ ସନ୍ଦେହ

## ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ ରାଶି

ଯୋଡ଼ା,୨୬।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକାରିତା ନେଇ ସନ୍ଦେହ ଉପୁଜିଛି। ଯୋଜନା ମାଧମରେ ଅନେକ କୋଟି ଖର୍ଚ୍ଚ ହେଉଛି। ଚାଷୀଙ୍କୁ ଉତ୍ସାହିତ କରିବାକୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଯୋଡ଼ା ବ୍ଲକ୍‌ରେ କିଛି ଅଧିକାରୀ ଓ ଏନଜିଓ ସଂସ୍ଥାର ଉଦାସୀନତା କାରଣରୁ ପ୍ରୋତ୍ସାହନ ରାଶି ମିଳୁ ନ ଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଏନ୍‌ଜିଓ ସଂସ୍ଥାର ଜିଲା ମୁଖ୍ୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ ଫଳ ମିଳି ପାରିନାହିଁ।

ଅଭିଯୋଗ ଅନୁଯାୟୀ, ବ୍ଲକ୍‌ରେ ଓଡ଼ିଶା ମିଲେଟ୍ ମିଶନ ତରଫରୁ କ୍ଷୁଦ୍ର ଶସ୍ୟ ଚାଷ ପାଇଁ ଏସ୍‌ଜି ଫାଉଣ୍ଡେଶନ ନାମକ ଏକ (ଏନ୍‌ଜିଓ) ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯୋଜନା ମାଧମରେ ବ୍ଲକ୍‌ର କ୍ଷୁଦ୍ର ଚାଷୀଙ୍କୁ ମାଣ୍ଡିଆ, ବାଜରା, ଗଙ୍ଗେଇ, ସର୍ଗମ, କାଙ୍ଗୁ ପ୍ରଭୃତି କ୍ଷୁଦ୍ର ଶସ୍ୟ ଚାଷ କରାଇବା ଏହାର ମୂଳ ଉଦ୍ଦେଶ୍ୟ। ଏଥି ପାଇଁ ପ୍ରାୟ ୨.୫ହେକ୍ଟର ଜମିରେ କ୍ଷୁଦ୍ର ଶସ୍ୟ ଚାଷ କରୁଥିବା ଚାଷୀଙ୍କୁ ପ୍ରାୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରାଶି ଦିଆଯିବାର ଗାଇଡ୍‌ଲାଇନ ରହିଛି। ପୁଟୁଗାଁ ଅଞ୍ଚଳର ରାଧେଶ୍ୟାମ ମୁଣ୍ଡା ପ୍ରାୟ ୭ ଏକର ଜମିରେ କ୍ଷୁଦ୍ର ଶସ୍ୟ ଚାଷ କରିଥିଲେ ହେଁ ତାଙ୍କୁ ରାଶି ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି କମଳପୁର, ଜଜାଙ୍ଗ, ଗୁରୁତୁଆଁ, ଦେଓଝର, ମହାଦେବ ନସା, ଜାମୁ କୁଣ୍ଡିଆ, କଣ୍ଡରା, ନାରାୟଣପୁର, ପଞ୍ଚନାନପୁର୍ ପ୍ରଭୃତି ଅଞ୍ଚଳର ଚାଷୀମାନେ ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। କିଛି ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଚାଷୀ ଚତୁର୍ଭୁଜ ବେହେରା କହିଛନ୍ତି, ଫାଉଣ୍ଡେଶନ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏ ସମ୍ପର୍କରେ ଫାଉଣ୍ଡେଶନର ବ୍ଲକ୍ ଆସିଷ୍ଟାଣ୍ଟ କୋ ଓର୍ଡନେଟର ବିଦିତା ସେଣ୍ଟ କହିଛନ୍ତି, ଶୁକ୍ରବାର କାନପୁରରେ କ୍ଷେତ୍ର ଦିବସ ପାଳନ କରାଯାଇ ମାଣ୍ଡିଆ ଚାଷ ସମ୍ପର୍କିତ ସଚେତନ କରାଯାଇଥିଲା। କାହାକୁ ପ୍ରୋତ୍ସାହନ ରାଶି ମିଳିଛି କିମ୍ବା କାହାକୁ ମିଳିନାହିଁ, ସେ ସମ୍ପର୍କରେ ସେ ଜାଣି ନାହାନ୍ତି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ ବୋଲି କହିଥିଲେ।

# ୪ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

କୁଳିଅଣା,୨୬।୫(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା କୁଳିଅଣା ଅବକାରୀ ବିଭାଗ ୪ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଝାରପୋଖରିଆ ଥାନା ନଡ଼ିଆଠୁଳ ଗ୍ରାମର ପ୍ରଶାନ୍ତ ମଣ୍ଡଳ। ସୂଚନା ଅନୁଯାୟୀ, ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ନଡ଼ିଆଠୁଳରେ ପ୍ରଶାନ୍ତଙ୍କ ଘରେ ଚଢ଼ାଉ କରିଥିଲା। ଘରୁ ୪ କିଲୋ ୪ ଶହ ପଚାଶ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୫ହଜାର ଟଙ୍କା ହେବ। ଅଭିଯୁକ୍ତଙ୍କୁ କୋର୍ଟଚଲାଣ କରାଯାଇଥିବା ସଦର ନିରୀକ୍ଷକ ବିକାଶ ଚୋଖନୌ ସୂଚନା ଦେଇଛନ୍ତି।

# ବଡ଼ସାହି ଲ୍ୟାମ୍ପସର ପୂର୍ବତନ ଏମ୍‌ଡି ଚାକିରିରୁ ବହିଷ୍କୃତ

**ବାରିପଦା ଅଫିସ,୨୬।୫:** ଦାୟିତ୍ୱରେ ଅବହେଳା ପାଇଁ ମୟୂରଭଞ୍ଜ ଜିଲା ବଡ଼ସାହି ଲ୍ୟାମ୍ପସର ପୂର୍ବତନ ଏମ୍‌ଡି ଗୀତିସ୍ମିତା ସାହୁଙ୍କୁ ବିଭାଗ ପକ୍ଷରୁ ଚାକିରିରୁ ବହିଷ୍କାର କରାଯାଇଛି। ତାଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ସହିତ ବିଭିନ୍ନ ଅଭିଯୋଗ ରହିଥିଲା। ଏନେଇ ତାଙ୍କୁ ପୂର୍ବରୁ ନିଲମ୍ବନ କରାଯାଇଥିଲା। ତେବେ ଅଭିଯୋଗର ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବାରୁ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବିଭାଗୀୟ ନିର୍ଦ୍ଦେଶ ନଂ.୩୫/୨୪।୫।୨୩ରୁ ସୂଚନା ମିଳିଛି।

# ହତ୍ୟା ମାମଲାରେ ଦୋଷୀଙ୍କୁ ଅଜୀବନ ଜେଲ

ବାଲେଶ୍ୱର ଅଫିସ,୨୬।୫

ବାଲେଶ୍ୱର ଏସ୍‌ସି ଆଣ୍ଡ ଏସ୍‌ଟି କୋର୍ଟର ସ୍ୱତନ୍ତ୍ର ଜଜ୍ ଲିଲିପ୍ସା ପଶାୟତ ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୪ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଆଶିଷ କୁମାର ଜେନା। ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପୋଦାଳ ଗ୍ରାମର ନରେନ୍ଦ୍ର ସିଂଙ୍କୁ ଗତ ୨୦୧୭ ଅକ୍ଟୋବର ୯ ତାରିଖରେ ଆଶିଷ ହତ୍ୟା କରିଥିବା ନେଇ ମୃତକଙ୍କ ଭାଇ ଚକ୍ରଧର ସିଂ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଲଳିତ କର ମାମଲା ପରିଚାଳନା କରିଥିଲେ।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଔପଦା,୨୬।୫

ଔପଦା ବ୍ଲକ ଫତେପୁର ହାଇସ୍କୁଲ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ହାଇସ୍କୁଲର ଛାତ୍ର ଗଣେଶ ଦାସ ୫୪୦ ନମ୍ବର ରଖି ଏ-୧ରେ ସ୍ଥାନ ପାଇଥିବା ବେଳେ ଛାତ୍ରୀ ଆୟୁସା ଦାସ ୫୨୯ ଓ ଛାତ୍ର ଗିରିଜା ଶଙ୍କର ନାୟକ ୫୨୦ ନମ୍ବର ରଖିଥିବାରୁ ଏହି ୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜନ୍ମେଜୟ ପତ୍ରି, ସହକାରୀ ଶିକ୍ଷକ ଜୀବନ କୁମାର ଖଣ୍ଡପାତ୍ର, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମଲ୍ଲିକ, ମନୋରମା ଅଗସ୍ତି, ଆଲୁମିନି ସଭାପତି ନିରଞ୍ଜନ ମହାନ୍ତି, ଏସ୍‌ଏମ୍‌ଡିସି ସଭ୍ୟ ଜନାର୍ଦ୍ଦନ ପଣ୍ଡା, ପୂର୍ବତନ ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।



ଜଣେ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ମାଟି ପରୀକ୍ଷଣ ନେଇ ଚାଷୀଙ୍କୁ ତାଲିମ

## ଯୋଗଦେଲେ ୧୧ ପଞ୍ଚାୟତର ୫୦ ଚାଷୀ

ବାଲେଶ୍ୱର ଅଫିସ,୨୬।୫

ବାଲେଶ୍ୱର ଜିଲା ବାଲିଆପାଳରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ସହଯୋଗୀତାରେ ଚାଷୀମାନଙ୍କ ପାଇଁ ମାଟି ପରୀକ୍ଷଣର ଗୁରୁତ୍ୱ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉନ୍ନତ ଫସଲ ଉତ୍ପାଦନ ଓ ପରିବେଶ ସୁରକ୍ଷା ପାଇଁ ମାଟି ପରୀକ୍ଷଣର ଉଲ୍ଲେଖନୀୟ ଲାଭ ବିଷୟରେ ଚାଷୀମାନଙ୍କ ମଧରେ ସଚେତନତା ବଢ଼ାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା।

ବାଲେଶ୍ୱର କେଭିକେର ବିହନ ବିଜ୍ଞାନୀ ଡ. ନିରଜ କୁମାର ଜେନା ଓ ଏସ୍‌ପିପିଏଲ୍‌ର ପ୍ରଶାସନିକ ମୁଖ୍ୟ ରାଜକୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଅଭିଯାନକୁ ପ୍ରଶଂସା କରିବା ସହିତ ମାଟି ପରୀକ୍ଷଣକୁ ଏକ ନିୟମିତ ପ୍ରଥା ଭାବେ ଗ୍ରହଣ କରିବା ଲାଗି ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ବାଲେଶ୍ୱର କେଭିକେର ଆଗ୍ରୋନୋମି ବୈଜ୍ଞାନିକ ପ୍ରଭାମଞ୍ଜରୀ ଗିରି ଯୋଗଦେଇ ମାଟି ପରୀକ୍ଷଣର ବୈଷୟିକ ଦିଗ ବିଷୟରେ ବର୍ଣ୍ଣନା କରିଥିଲେ। ମାଟି ପରୀକ୍ଷଣ ବିଷୟ ଉପରେ ସେ ଏକ ସୂଚନାଧର୍ମୀ ଅଡିଓ-ଭିଜୁଆଲ ପ୍ରଦର୍ଶନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ଏସ୍‌ପିପିଏଲ୍‌ର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସୁଲେମାନ ଅଲ୍ଲୀ, ଟିଏସ୍‌ଏଫ୍ ବାଲେଶ୍ୱରର ଲିଡ୍ ସିଏସ୍‌ଆର୍ ପ୍ରମୋଦ କୁମାର ପାତ୍ର ଉପସ୍ଥିତ ଥିଲେ। ବାଲିଆପାଳର ୧୧ ଗ୍ରାମ ପଞ୍ଚାୟତର ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୫୦ ଚାଷୀ ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ମାଟି ନମୁନା ସଂଗ୍ରହ ଓ ଅନୁଧ୍ୟାନ ପ୍ରକ୍ରିୟା ସମେତ ଉନ୍ନତ ପରିଚାଳନା ଓ ଉତ୍ପାଦନ ପାଇଁ ଜୈବିକ ଚାଷ ଓ ବିହନ ଟ୍ରିଟ୍‌ମେଣ୍ଟର ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀମାନେ ଜ୍ଞାନ ଆହରଣ କରିଥିଲେ। ବିଭିନ୍ନ ପ୍ରକାର ପଦକ୍ଷେପ ଓ ସହାୟତା ପ୍ରଦାନ କରି ଚାଷୀମାନଙ୍କ ବାର୍ଷିକ ଆୟକୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଟିଏସ୍‌ଏଫ୍‌ର ଲକ୍ଷ୍ୟ। ଆଖାପାଖ ୬୦ଟି ଗ୍ରାମରୁ ୧୦୦୦ ମାଟି ନମୁନା ପରୀକ୍ଷଣ କରିବାକୁ ଟିଏସ୍‌ଏଫ୍ ଲକ୍ଷ୍ୟ ରଖିଥିବା ସୂଚନା ଦେଇଛି।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପୋଖରୀରେ ମାଛ ମଡ଼କ

ହାଟଡ଼ିହା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ହାଟଡ଼ିହା ବ୍ଲକ୍ ଶାଳନିଆ ପଞ୍ଚାୟତ ସୋଲପଟା ଗ୍ରାମରେ ୨ ପୋଖରୀରେ ବିଷ କ୍ରିୟା ଯୋଗୁ ମାଛ ମଡ଼କ ଦେଖାଯାଇଛି। କେହି ଦୁର୍ବୃତ୍ତ ପୋଖରୀରେ ଗୁରୁବାର ରାତିରେ ବିଷ ପକେଇଥିଲେ। ଶୁକ୍ରବାର ସକାଳେ ମାଛ ମରି ଭାସୁଥିଲେ। ଗ୍ରାମବାସୀ ଦେଖିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ରାଜନୈତିକ ଶତ୍ରୁତାକୁ ନେଇ ଏପରି ଘଟିଥିବା କୁହାଯାଉଛି। ଗ୍ରାମବାସୀଙ୍କ ତରଫରୁ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରାଯାଇଛି।

## ସଂକ୍ଷେପରେ

### ସାଳନ୍ଦୀରେ ବୁଡ଼ି ଶିଶୁ ମୃତ

ତିହିଡ଼ି,୨୬।୫ ( ଡି.ଏନ.ଏ. )-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ମଠସାହି ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ସାଳନ୍ଦୀ ନଦୀରେ ବୁଡ଼ି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ଗ୍ରାମର ଦିଲୀପ ମଲିକଙ୍କ ଝିଅ ଇତିଶ୍ରୀ (୪)। ସୂଚନା ଅନୁଯାୟୀ, ଇତିଶ୍ରୀ ଖେଳୁଥିବା ବେଳେ ତାଙ୍କ ଘର ପାଖ ଦେଇ ଯାଇଥିବା ଏହି ନଦୀରେ ପଡ଼ିଯାଇଥିଲେ। ଝିଅକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ପରେ ନଦୀରୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଇତିଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଝୁମ୍ପୁରା,୨୬।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାଲିବନ୍ଧ ଫରେଷ୍ଟ ଲକ୍ଷ୍ମୀପଶି ବିଟ୍ ମହାଦେବପୁର ଜଙ୍ଗଲରେ ଶୁକ୍ରବାର ଏକ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ମହାଦେବପୁରର ବଙ୍ଗଲ ମୁଣ୍ଡା (୫୫)। ତାଙ୍କୁ ଚିକିତ୍ସା ନିମନ୍ତେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ବଙ୍ଗଲ ୫ ଗ୍ରାମବାସୀଙ୍କ ସହ ଶୁଖିଲା ଜାଳ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରୁ ଜାଳ ସଂଗ୍ରହ ସମୟରେ ଏକ ଭାଲୁ ବଙ୍ଗଲଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ବାଡ଼ି ସହାୟତାରେ ଭାଲୁକୁ ଘଉଡ଼ାଇଥିଲେ। ପରେ ବଙ୍ଗଲଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବାଲିବନ୍ଧ ଫରେଷ୍ଟର ବୁଲୁ ନାହକ ପହଞ୍ଚି ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ସୂଚନା ଦେଇଛନ୍ତି।

### ସ୍ମୃତିଚାରଣ ସଭା

ବାହାନଗା,୨୬।୫(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳର ପ୍ରଥମ ଓଏଏସ୍ ଅଫିସର ଭାବେ ଚାକିରି କରିଥିବା ବାରିଙ୍ଗିଆ ଗ୍ରାମର ସ୍ୱର୍ଗତ ଗିରିଧାରୀ ଦାଶଙ୍କ ସ୍ମୃତିଚାରଣ ସଭା ପାଇକାସ୍ତାସ୍ଥିତ ଦେଉଳା ପୋଖରୀ ଆଡିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ସଭାପତି ଗିରିଶ୍ ଚନ୍ଦ୍ର ଦାଶ ସଭାରେ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର। ବାରିଙ୍ଗିଆ ଓ ପାଇକାସ୍ତା ଗ୍ରାମ ଉନ୍ନତିରେ ସ୍ୱର୍ଗତ ଦାଶଙ୍କ ଅବଦାନ ଅତୁଳନୀୟ ବୋଲି ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗ୍ରାମବାସୀ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ଗୋପାଳପୁର ପଞ୍ଚାୟତର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବିଦ୍ୟାଧର ପାଣିଗ୍ରାହୀ, ସୁଦର୍ଶନ ମହାପାତ୍ର, ଲମ୍ବୋଧର ମିଶ୍ର, ସୀତାନାଥ ତ୍ରିପାଠୀ, ମୁକ୍ତିକାନ୍ତ ଦାଶ, ଗଣପତି ସାହୁ, ରବିନ୍ଦ୍ର ମିଶ୍ର, ଗଙ୍ଗାଧର ମିଶ୍ର, ଗଣେଶ ପଣ୍ଡା, ବଳଭଦ୍ର ସାହୁ, ଉଷାରାଣୀ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଗଣେଶ ଦାଶ ,ଜଗଦିଶ୍ ରାଉତ, ସ୍ୱାଗତ ସାହୁ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା


ବୈଠକରେ ଜିଲାପାଳଙ୍କ ସମେତ ଅଧିକାରୀମାନେ।

## ବଳଦେବଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

କେନ୍ଦୁଝର,୨୬।୫ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ଅଧ୍ୟକ୍ଷତା କରି ସମସ୍ତେ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ଚଳିତ ବର୍ଷ ମହିଳାମାନେ ରଥ ଟାଣିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କହିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ କେନ୍ଦୁଝର ଜିଲାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍.ପି. ନୀତିନ୍ କୁଶଲକର ଉଦ୍‌ବୋଧନ ଦେଇ ପ୍ରଭୁ ଶ୍ରୀବଳଦେବଙ୍କ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍, ଆଇନଶୃଙ୍ଖଳା ଉପରେ ବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଓ ରାଜପୁରୋହିତ ପ୍ରସନ୍ନ ନନ୍ଦ ବୈଠକରେ ଉପସ୍ଥିତ ଥିଲେ। କେନ୍ଦୁଝର ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ରାମଚନ୍ଦ୍ର କିସ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଜୁନ୍ ୪ରେ ଦେବସ୍ନାନ ପୂର୍ଣ୍ଣିମା, ୧୮ରେ ନେତ୍ର ପ୍ରତିଷ୍ଠା ଓ ନବଯୌବନ ଦର୍ଶନ, ୧୯ରେ ଉଭାଯାତ୍ରା ଓ ନବଯୌବନ ଦର୍ଶନ, ୨୦ରେ ଶ୍ରୀଗୁଣ୍ଡିଚା ଯାତ୍ରା, ୨୧ରେ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡ଼ି ପହଣ୍ଡିରେ ବିଜେ, ୨୪ ରେ ହେରା ପଞ୍ଚମୀ, ୨୮ରେ ବାହୁଡ଼ା ଯାତ୍ରା, ୨୯ରେ ସୁନାବେଶ ଅନୁଷ୍ଠିତ ହେବ। ୩୦ରେ ଶ୍ରୀମନ୍ଦିର ବିଜେ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ମହିଳା ଭକ୍ତମାନଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରି ରଥ ଟଣା କାର୍ଯ୍ୟକ୍ରମରେ ସାମିଲ୍ କରାଯିବା ଉପରେ ପ୍ରସ୍ତାବ ବୈଠକରେ ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିଲା। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡ଼ି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ପ୍ରସାଦ ଦେହୁରୀ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଆଇଏଏସ୍. ପ୍ରୋବେସନର ଧିମେନ୍ ଚକ୍‌ମା, ଆଇପିଏସ୍ ପ୍ରୋବେସନର ଅମ୍ରିତ ପାଲ ସିଂହ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ କିଶୋର ପୃଷ୍ଟି, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ନୀଳଗିରିରେ ପହଞ୍ଚିଲା ମା' ଲକ୍ଷ୍ମୀଙ୍କ ବିଗ୍ରହ


ଶୋଭାଯାତ୍ରାରେ ମା' ଲକ୍ଷ୍ମୀଙ୍କ ବିଗ୍ରହ ନିଆଯାଉଛି।

## ୨୭୩ ବର୍ଷର ସ୍ୱପ୍ନ ହେବ ସାକାର

ନୀଳଗିରି,୨୬।୫(ସ୍ୱ.ପ୍ର)

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଶ୍ରୀମନ୍ଦିରରେ ପୂଜା ପାଇବେ ମା' ଲକ୍ଷ୍ମୀ। ଗୁରୁବାର ସନ୍ଧ୍ୟାରେ ବଉଳଗଡ଼ିଆ ଅଞ୍ଚଳରୁ ମୁଗୁନୀ ପଥରରେ ନିର୍ମିତ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ନୀଳଗିରିରେ ପହଞ୍ଚିଛି। ଘଣ୍ଟ, ଘଣ୍ଟା, କୀର୍ତ୍ତନ ଓ ମାଦଳର ତାଳେ ତାଳେ ନୀଳଗିରିବାସୀ ମା'ଙ୍କ ବିଗ୍ରହକୁ ସ୍ୱାଗତ କରିଥିଲେ। ବାଣ ରୋଷଣୀରେ ନୀଳଗିରି ସହର ପ୍ରକମ୍ପିତ ହୋଇଥିଲା ।

ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ ମା'ଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ଜଗନ୍ନାଥ ମନ୍ଦିର ପରିସରକୁ ପ୍ରବେଶ କରାଇଥିଲେ। ଜଗନ୍ନାଥ ମନ୍ଦିରରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ପୂଜା ପାଉଥିବା ବେଳେ ତାଙ୍କ ଡାହାଣ ପାର୍ଶ୍ୱରେ ମା' ବିମଳା ପୂଜା ପାଉଥିଲେ। କିନ୍ତୁ ମନ୍ଦିର ପରିସରରେ ମା' ଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ମନ୍ଦିରଟିଏ ନ ଥିଲା। ନୀଳଗିରିବାସୀ ତଥା ଭକ୍ତ ଶ୍ରଦ୍ଧାଳୁଙ୍କ ଆଶା ଓ ସ୍ୱପ୍ନ ଏବେ ପୂରା ହେବାକୁ ଯାଉଛି। ତତ୍କାଳୀନ ରାଜା ରାମଚନ୍ଦ୍ର ଦେବ ୧୭୫୦ ମସିହାରେ ନୀଳଗିରିରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। ତେବେ ବିଗତ ୨୭୩ ବର୍ଷ ମଧ୍ୟରେ ଏଠାରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇପାରି ନ ଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଲକ୍ଷ୍ମୀ ମନ୍ଦିର କମିଟି ମା'ଙ୍କ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠାର ସମସ୍ତ କାର୍ଯ୍ୟ ବହନ କରୁଛନ୍ତି। ଆସନ୍ତା ୨୮ରୁ ୩୧ ତାରିଖ ମଧ୍ୟରେ ମା' ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ମାୟାଧର ମହାନ୍ତି, ସେବାୟତ ବ୍ରହ୍ମା ପୁଣ୍ୟଶ୍ଲୋକ ନନ୍ଦ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ କମିଟିର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଲକ୍ଷ୍ମୀ କମିଟିର ସଭାପତି ରଘୁନାଥ ରଥ, ନାରାୟଣ ଜେନା, ଦାମୋଦର ବିଶ୍ୱାଳ, ଦୈତାରୀ ବାରିକ, ରବୀନ୍ଦ୍ର କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ରମାକାନ୍ତ ନାୟକ, କଟି ସିଂ, ବିନୋଦ ବିହାରୀ ପଣ୍ଡା, ଅବସରପ୍ରାପ୍ତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭାଜପାକୁ ବୁଥ୍ ସ୍ତରରେ ଶକ୍ତିଶାଳୀ କରିବାକୁ ପରାମର୍ଶ


କାର୍ଯ୍ୟକାରିଣୀ ବୈଠକରେ ଭାଜପା କର୍ମକର୍ତ୍ତା।

ଭଣ୍ଡାରିପୋଖରୀ,୨୬।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ମଣ୍ଡଳ ଭାଜପା ପକ୍ଷରୁ ବାରିକପୁର ମା' କାଳିତିରା ପୀଠରେ ସଭାପତି ଗିରିଶ ସାମଲଙ୍କ ପୌରୋହିତ୍ୟରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଜଗବନ୍ଧୁ ଦାସଙ୍କ ସଞ୍ଚାଳନାରେ ଆୟୋଜିତ ଏହି ବୈଠକକୁ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ। ଦଳ ପକ୍ଷରୁ ଚଳିତମାସ ୩୦ ତାରିଖରୁ ଜୁନ ୩୦ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ହେବାକୁ ଥିବା ମହା ଜନସମ୍ପର୍କ ଅଭିଯାନ ସମ୍ପର୍କରେ ସେ ସୂଚନା ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ ଦଳକୁ ବୁଥ୍ ସ୍ତରରେ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଖିଲାର, ରାମଚନ୍ଦ୍ର ରାଉତ, ବାବାଜୀ ଜେନା, ମୁକ୍ତିକାନ୍ତ ଜେନା, ରତ୍ନାକର ପାତ୍ର, ବିଦ୍ୟାଧର ସେଠୀ, ଯୁବ ମୋର୍ଚ୍ଚା ସଭାପତି ପ୍ରତାପ ଦ୍ୱିବେଦୀ, ତରଣୀସେନ ଯେନା, ସଞ୍ଜୟ ପଣ୍ଡା, ନିରାକାର ସାହୁ, ପ୍ରଭାତ ରାଉତ, ତପନ ପାତ୍ର, ବଳରାମ ରାଉତ, କରୁଣାକର ସାହୁ, ବୈଦ୍ୟନାଥ ଦାଶ, ଗୋବିନ୍ଦ ରାଉତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ନାବାଳିକା ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଖଇରା,୨୬।୫(ଡି.ଏନ.ଏ)

ବାଲେଶ୍ୱରର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରଞ୍ଜନ କୁମାର ସୁତାର ଶୁକ୍ରବାର ଏକ ନାବଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଓରଫ ଚଗୁଲ ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୩ ଫେବୃଆରୀ ୨୬ତାରିଖରେ ସେ ଖଇରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ପ୍ରମାଣ ଅଭାବରୁ ବିଚାରପତି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଦୋଷମୁକ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକର ଆଇନଜୀବୀ ଶକୁନ୍ତଳା ଗିରି, ଘନଶ୍ୟାମ ମୁଦୁଲି ଓ ଗିରିଜାଶଙ୍କର ନାୟକ ମାମଲା ପରିଚାଳନା କରିଥିଲେ।

# ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ


ବୈଠକରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା କର୍ମକର୍ତ୍ତା।

ଧାମନଗର,୨୬।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବିଧାନସଭା କ୍ଷେତ୍ର ଭାଜପା ପକ୍ଷରୁ ମୁକୁନ୍ଦଦେବ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ କରଦା ପଞ୍ଚାୟତସ୍ଥିତ ଖିଲାଟେଶ୍ୱର ମନ୍ଦିର ନିକଟରେ ମଣ୍ଡଳ ସଭାପତି ଅରବିନ୍ଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ କେନ୍ଦ୍ରରେ ମୋଦି ସରକାରଙ୍କ ନଅ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଏକମାସ ଧରି ହେବାକୁ ଥିବା ସାଙ୍ଗଠନିକ ଅଭିଯାନ ସମ୍ପର୍କରେ କହିଥିଲେ। ଦଳର ମହା ଜନସମ୍ପର୍କ ଅଭିଯାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଧାନସଭା ସଂଯୋଜକ ଅଶୋକ ପୁହାଣ, ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ପ୍ରଭାରୀ ବୈକୁଣ୍ଠ ନାଥ ସାହୁ, ଏସ୍‌ସି ମୋର୍ଚ୍ଚାର ଜିଲା ସଭାପତି ପ୍ରମୋଦ ସୂତାର, ବୁଦ୍ଧଦେବ ଜେନା, ସୁବାସ ନନ୍ଦ, ବିଜୟ ଶଙ୍କର ନାୟକ, ସନ୍ତୋଷ ଦାଶ ଅଧିକାରୀ, ରମେଶ ପତି, ରଞ୍ଜିତ ସାହୁ, କ୍ଷେତ୍ରବାସୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଧାମନଗର ଗ୍ରାମୀଣ ମଣ୍ଡଳ ପକ୍ଷରୁ ଗୋବିନ୍ଦପୁର ନିକଟ ଉତ୍ତରେଶ୍ୱର ପୀଠରେ ସଭାପତି ଆଇନଜୀବୀ ଦୀପ୍ତିରଞ୍ଜନ ଜେନାଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ପ୍ରଭାରୀ ସଦାଶିବ ପୋଥାଳ, ଶ୍ରୀକାନ୍ତ ନାୟକ, ରାଜୀବ ଦାସ, ପ୍ରୀତମ ଦାସ, ରତ୍ନାକର ନାୟକ, ପ୍ରଶାନ୍ତ ନାୟକ, ରାଜୀବ ନାୟକ, ପ୍ରଫୁଲ୍ଲ ପାତ୍ର, ଅନନ୍ତ ବେହେରା, ବେଣୁଧର ବିଶ୍ୱାଳ, ପ୍ରଶାନ୍ତ ସାହୁ, ବରୁଣ ଦାସ, ଶୁଭଙ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଏବଂ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଭାଜପାର ପ୍ରଥମ ସଭାପତି ତପନ ରାଉତଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଡାହାଣୀ ସନ୍ଦେହରେ ପୁତୁରାବୋହୂଙ୍କୁ ତୀରମାଡ଼

## କକାଶ୍ୱଶୁର ଗିରଫ

ବିଶୋଇ/ରାଇରଙ୍ଗପୁର,୨୬।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ରାଧାନଗର ଗ୍ରାମରେ ଡାହାଣୀ ସନ୍ଦେହରେ କକା ଶ୍ୱଶୁରଙ୍କ ତୀରମାଡ଼ରେ ପୁତୁରାବୋହୂ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର ନୁଙ୍ଗୁରାମ ପୂର୍ତ୍ତିଙ୍କ ସ୍ତ୍ରୀ ଶୁକୁରମଣି। ଏହି ଘଟଣାରେ କକାଶ୍ୱଶୁର ଲକ୍ଷ୍ମଣ ପୂର୍ତ୍ତି (୬୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଧନୁ ତୀର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଶୁକୁରମଣି ତାଙ୍କ ୩ବର୍ଷର ଝିଅ ସହ ଗୁରୁବାର ସନ୍ଧ୍ୟାରେ ମଣଦାସ୍ଥିତ ସାପ୍ତାହିକ ହାଟରୁ ଗ୍ରାମକୁ ଫେରୁଥିଲେ। ଘର ପହଞ୍ଚିବା ପାଇଁ ଅଳ୍ପ ବାଟ ଥିବାବେଳେ ପୂର୍ବରୁ ରାସ୍ତାରେ ଛକି ବସିଥିବା ଲକ୍ଷ୍ମଣ ତାଙ୍କ ବାମପେଟକୁ ତୀରମାଡ଼ କରିଥିଲେ। ଶୁକୁରମଣି ଚିତ୍କାର କରି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୱାର୍ଡମେମ୍ବର ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ଶୁକୁରମଣିଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ବିଶୋଇ ଥାନା ପୋଲିସ ମାମଲା (ନଂ.୧୦୫/୨୩) ରୁଜୁ କରି ଲକ୍ଷ୍ମଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଲକ୍ଷ୍ମଣଙ୍କ ପରିବାର ସଦସ୍ୟଙ୍କ ଦେହ ବାରମ୍ବାର ଅସୁସ୍ଥତା ଲାଗି ରହୁଥିଲା। ଶୁକୁରମଣିଙ୍କ ଗୁଣିଗାରେଡ଼ି କାର୍ଯ୍ୟ ଯୋଗୁ ଏହା ହେଉଛି ବୋଲି ଲକ୍ଷ୍ମଣଙ୍କ ସନ୍ଦେହ ବଢ଼ିଥିଲା। ଲକ୍ଷ୍ମଣ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କୁ ଡାହାଣୀ ସନ୍ଦେହ କରି ତୀରମାଡ଼ କରିଥିବା ଶୁକୁରମଣି କହିଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଶୁକୁରମଣି ଓ ତାଙ୍କ ପରିବାର ମଧ୍ୟରେ ଜମି ବିବାଦକୁ କେନ୍ଦ୍ରକରି ରାଗ ରଖି ଏପରି କାଣ୍ଡ ଘଟାଇଥିବା ଲକ୍ଷ୍ମଣ କହିଛନ୍ତି।

# ବିଜେଡିର ୱାର୍ଡସ୍ତରୀୟ ମହିଳା ସମାବେଶ

ବାଲିଆପାଳ,୨୬।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ କଟରାମହଲ ଗ୍ରାମର ଚକ୍ରଧର ଗିରିଙ୍କ ବାସଭବନରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ୱାର୍ଡସ୍ତରୀୟ ମହିଳା କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ବ୍ଲକ ମହିଳା ସଭାନେତ୍ରୀ କସ୍ତୁରୀବାଳା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମହିଳାମାନେ କିପରି ସରକାରୀ ଯୋଜନାର ଲାଭ ଉଠାଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ପରାମର୍ଶ ଦେଇଥିଲେ। ସମାବେଶରେ ପୂର୍ବତନ ବ୍ଲକ୍ ସଭାପତି ଚକ୍ରଧର ଗିରି, ନୂଆଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଗଙ୍ଗାଧର ପଡ଼ିଆରୀ, ମନ୍ମଥ ଚକ୍ରବର୍ତ୍ତୀ, ଗୌରାଙ୍ଗ ମାଝୀ, ଅଞ୍ଜନ କୁମାର ବେହେରା, ନୂଆଗାଁ ଏବଂ ରତେଇ ପଞ୍ଚାୟତର ସଭାନେତ୍ରୀ ଯୋଗ ଦେଇଥିଲେ। ସମାବେଶରେ କଟରାମହଲ ୧ନଂ. ୱାର୍ଡମେମ୍ବର ରେବତୀ ଦଳାଇ, ୨ନଂ. ୱାର୍ଡମେମ୍ବର ପ୍ରିୟଙ୍କା ରାଉତଙ୍କ ସହିତ ବାସନ୍ତୀ ଦଳାଇ, ନିରୁପମା ଗିରି, ମୀନତି ଦଳାଇ, ସାବିତ୍ରୀ ଦଳାଇ, ଅଞ୍ଜଳି ସ୍ୱାଇଁ, ସ୍ନେହଲତା ରାଉତ, ସଂଗୀତା ପାତ୍ର, ରେବତୀ ସାହୁ, ସୁକାନ୍ତି ମୁଖୀ, ଜୟନ୍ତୀ ମହାନ୍ତି,ସୁଭଦ୍ରା ଦଳାଇ, ରାଧାରାଣୀ ଦଳାଇ, ବର୍ଷା ଦଳାଇ, ଗୀତାଞ୍ଜଳି ଦଳାଇ, ବିନତୀ ବାରିକ ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ।


ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

# ପଥ ବିକ୍ରେତା ସଂଘର ବିକ୍ଷୋଭ



ପୌର କାର୍ଯ୍ୟାଳୟ ଆଗରେ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଅଫିସ,୨୬।୫

ଓଡ଼ିଶା ପଥ ବିକ୍ରେତା ସଂଘ,ବାଲେଶ୍ୱର ପୌରାଞ୍ଚଳ କମିଟି ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ପଥ ବିକ୍ରେତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପୂର୍ବାହ୍ନରେ ସଂଘ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ପୌର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲ। ଉକ୍ତ ସଭାରେ ସଂଘର ଉପ-ସଭାପତି ଆବିଦ୍ ଖାନ ଅଧ୍ୟକ୍ଷତା କରିଥିଲେ। ସଂଘର ସଭାପତି ଜୟନ୍ତ ଦାସ ଯୋଗଦେଇ ପଥବିକ୍ରେତାଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସମ୍ପାଦକ ମୋହିନୀ ମୋହନ ପରିଡ଼ା, ମନୋଜ ରାଠୋର, ଭିଟାମାଟି ଆନ୍ଦୋଳନର ନେତା ତଥା ସାମାଜିକ କର୍ମୀ ଅରୁଣ ଜେନା, ଯୁବନେତା ତପନ କୁମାର ସିଟ୍, ଟିଭିସି ମେମ୍ବର ଟିପିରି ସିଂ ଓ ରାମଚନ୍ଦ୍ର ପରିଡ଼ା, ଦୀନବନ୍ଧୁ ସାହୁ, ଅଭିରାମ ବାରିକ୍, ମହମ୍ମଦ ଅସଲମ୍, ପୂର୍ଣ୍ଣ ଦାସ, ଶଶୀଧର ନାଥ, ସେକ୍ ସଫିବୁଲ୍, ଦେବକୀ ଦତ୍ତ, ମହମ୍ମଦ ମୁସ୍ତାଫା, ସେକ୍ ରିୟାଜ୍, ସେକ୍ ସଲଉଦ୍ଦିନ୍, ଜଗବନ୍ଧୁ ସିଂ, ଦିବାକର ଜେନା, ପ୍ରଶାନ୍ତ ସେଠୀ ଅମଜଦ୍ ଖାନ୍, ସନ୍ତୋଷ କୁମାର ସାହୁ, ଅବଦୁଲ ରାଜିକ୍, ରହିମ୍ ଖାନ୍, ରତନ କୁମାର ଗିରି, ବିଜୟ କୁମାର ବାରିକ୍ ପ୍ରମୁଖ ସ୍ଥାନୀୟ ନେତାମାନେ ମଧ୍ୟ ଉଦ୍‌ବୋଧନ ଦେଇଥିଲେ।

# ପୋଲିସ ପରିଚୟ ଦେଇ ମହିଳାଙ୍କଠୁ ଲୁଟ୍

ଭଦ୍ରକ ଅଫିସ, ୨୬।୫

ଭଦ୍ରକ ସହର ମଧ୍ୟସ୍ଥଳରେ ଥିବା ହେଡ୍‌ପୋଷ୍ଟ ଅଫିସ୍ ଛକ ପେଟ୍ରୋଲ ପମ୍ପ ନିକଟରୁ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଲୁଟେରାମାନେ ପୋଲିସ ପରିଚୟ ଦେଇ ଜଣେ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ମହିଳା ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ମଇତାପୁର ଗ୍ରାମର ନିରୋଦବାଳା ମହାନ୍ତି ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିରୋଦବାଳା ତାଙ୍କ ଝିଅକୁ ନେବା ପାଇଁ ଏକ ଅଟୋ ନେଇ ଗାଁରୁ ଭଦ୍ରକ ଆସିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ପେଟ୍ରୋଲ ପମ୍ପ ନିକଟରେ ଅଟୋରେ ବସିଥିବା ବେଳେ ୨ଜଣ ଯୁବକ ତାଙ୍କ ପାଖକୁ ଆସି ନିଜକୁ ପୋଲିସର ପରିଚୟ ଦେଇଥିଲେ। ଆଗରେ ଦୁର୍ଘଟଣା ଘଟିଛି, ଅଟୋ ପଛକୁ ଦେବା ପାଇଁ ତାଙ୍କୁ କହିଥିଲେ। ଅଟୋ ପଛକୁ ଦେବା ପରେ ଚେକିଂ ହେଉଛି କହି ସେ ପିନ୍ଧିଥିବା ସୁନା ଗହଣା ଖୋଲି ବ୍ୟାଗ୍‌ରେ ରଖିବା ପାଇଁ କହିଥିଲେ। ସୁନାଗହଣା ପିନ୍ଧି ଆସିଲେ ୫୦ ହଜାର ଫାଇନ୍ ଦେବାକୁ ପଡ଼ିବ ବୋଲି ସେମାନେ ତାଙ୍କୁ କହିଥିଲେ। ଏହି ସମୟରେ ଆଉ ଦୁଇଜଣ ଆସି ସେଠାରେ ପହଞ୍ଚିଥିଲେ। ସେ ଗହଣା ଖୋଲିବାକୁ ମନା କରିବାରୁ ଜୋରଜବରଦସ୍ତ ୨ଜଣ ତାଙ୍କ ଦୁଇ ହାତରୁ ସୁନାବଳା ଖୋଲିବା ସହ ଅନ୍ୟ ଜଣେ ତାଙ୍କ ବେକରୁ ସୁନାଚେନ୍ ଛିଡ଼ାଇ ନେଇ ଫେରାର ହୋଇଯାଇଥିଲେ।

# ବେଆଇନ କାଠ ଗୋଦାମରେ ଚଢ଼ାଉ

**ବାଲେଶ୍ୱର ଅଫିସ,୨୬।୫:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ କାଳିଦାସପୁର ଅଞ୍ଚଳର ଏକ ବେଆଇନ୍ କାଠ ଗୋଦାମ ଉପରେ ଓଡ଼ିଶା ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୩୨୬.୪୪ ସିଫ୍‌ଟର ବହୁ ମୂଲ୍ୟବାନ କାଠ ଜବତ କରାଯାଇଥିଲା। ଏ ସମ୍ପର୍କରେ ଚାନ୍ଦିପୁର ବନବିଭାଗ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

